## ସଂକ୍ଷେପରେ

### ଦିଆସିଲି ବୋଝେଇ ଟ୍ରକ୍‌ରେ ନିଆଁ

**ବାରିପଦା ଅଫିସ,୧୬।୩:** ମୟୂରଭଞ୍ଜ ଜିଲା ବାରିପଦା ଟାଉନ ଥାନା ଅଧୀନ ଷ୍ଟେଶନ ବଜାର ରାସ୍ତାପାର୍ଶ୍ୱରେ ବୁଧବାର ଏକ ଦିଆସିଲି ବୋଝେଇ ଟ୍ରକ୍‌ରେ ନିଆଁ ଲାଗି ଯାଇଥିଲା। ଟ୍ରକ୍ ଡ୍ରାଇଭରଙ୍କ ଉପସ୍ଥିତ ବୁଦ୍ଧି ଯୋଗୁ ଲାଗିଥିବା ନିଆଁ ଲିଭିଯାଇଥିଲା। ଫଳରେ ଏକ ବଡ଼ ବିପଦରୁ ଅଞ୍ଚଳବାସୀ ବର୍ତ୍ତି ଯାଇଛନ୍ତି । ଖବରପାଇ ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା।

### ପୌର ନିର୍ବାଚନ ପରିଚାଳନା ନେଇ ତାଲିମ

**ରାଇରଙ୍ଗପୁର,୧୬।୩(ଡି.ଏନ.ଏ):** ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ପୌର ପରିଷଦର ମତଦାନ କାର୍ଯ୍ୟ ପରିଚାଳନା ନେଇ ସ୍ଥାନୀୟ ମହିଳା ମହାବିଦ୍ୟାଳୟ ପରିସରରେ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ମତଦାନ କେନ୍ଦ୍ର ପାଇଁ ନିଯୁକ୍ତି ହୋଇଥିବା ପ୍ରିଜାଇଡିଂ ଅଫିସର ଏବଂ ପ୍ରଥମ ପୋଲିଂ ଅଫିସରମାନଙ୍କୁ ଏହି ତାଲିମ ଦିଆଯାଇଥିଲା। ପୌର ପରିଷଦ ନିର୍ବାଚନ ଅଧିକାରୀ ତଥା ଉପ ଜିଲାପାଳ ସରୋଜ କୁମାର ଦାସ ପ୍ରିଜାଇଡିଂ ଅଫିସର ଏବଂ ପୋଲିଂ ଅଫିସରମାନଙ୍କୁ କର୍ତ୍ତବ୍ୟ ଏବଂ ଦାୟିତ୍ୱ ସମ୍ପର୍କରେ ଅବଗତ କରାଇଥିଲେ। ପୌରପରିଷଦର ପ୍ରଶାସକ ଧର୍ମେନ୍ଦ୍ର ଶତପଥୀ, ଜିଲାସ୍ତରୀୟ ଟ୍ରେନର ପ୍ରକାଶ ଚନ୍ଦ୍ର ମାହାଳି ଏବଂ ବିଶୋଇ ବ୍ଲକ୍ କମ୍ପ୍ୟୁଟର ପ୍ରୋଗ୍ରାମର ତାପସ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ।

# ସୁଯୋଗ ଦେବାକୁ ଅନୁରୋଧ କଲେ ସ୍ୱାଧୀନ ପ୍ରାର୍ଥିନୀ



ସ୍ୱାଧୀନ ପ୍ରାର୍ଥିନୀ ପ୍ରଣତି ଦାସ ସମର୍ଥକଙ୍କ ସହ ପ୍ରଚାର କରୁଛନ୍ତି।

**ବାଲେଶ୍ୱର ଅଫିସ, ୧୬।୩**

ବାଲେଶ୍ୱର ପୌର ନିର୍ବାଚନ ଆସନ୍ତା ୨୪ତାରିଖରେ ଅନୁଷ୍ଠିତ ହେବ। ପ୍ରାର୍ଥିପତ୍ରର ଚୂଡ଼ାନ୍ତ ତାଲିକା ଘୋଷଣା ପରେ ପ୍ରାର୍ଥିନୀ ଓ ପ୍ରାର୍ଥୀମାନେ ପ୍ରଚାରକୁ ଜୋରଦାର କରିଛନ୍ତି। ଘରକୁ ଘର ବୁଲି ପ୍ରତିଶ୍ରୁତି ପରେ ପ୍ରତିଶ୍ରୁତି ଦେଇ ଚାଲିଛନ୍ତି। ପୂର୍ବତନ ନେତାମାନେ ଦେଇଥିବା ପ୍ରତିଶ୍ରୁତିକୁ ପାଳନ କରି ନ ଥିବାରୁ ଭୋଟରଙ୍କ ଅସନ୍ତୋଷର ଶିକାର ହେଉଛନ୍ତି। ସେହିପରି ଦଳୀୟ ପ୍ରାର୍ଥୀମାନଙ୍କୁ ମଧ୍ୟ ଭୋଟରମାନେ ନାପସନ୍ଦ କରୁଥିବା ସ୍ଥାନେ ସ୍ଥାନେ ନଜର ଆସୁଛି। ସ୍ୱାଧୀନ ଭାବେ ପ୍ରାର୍ଥିପତ୍ର ଦାଖଲ କରିଥିବା ପ୍ରାର୍ଥୀମାନେ ସିଧାସଳଖ ଭୋଟରଙ୍କୁ ସାକ୍ଷାତ୍ କରି ୱାର୍ଡ଼ର ଉନ୍ନତି ସହ ଲୋକଙ୍କ ସେବା କରିବା ପାଇଁ ଅନୁମତି ମାଗିବା ସହ ସୁଯୋଗ ଦେବା ପାଇଁ ଅନୁରୋଧ କରୁଛନ୍ତି। କୌଣସି ଦଳର କ୍ଷମତା କିମ୍ବା ଅର୍ଥବଳ ସେମାନଙ୍କ ପଛରେ ନ ଥିବାରୁ ପ୍ରାର୍ଥୀମାନେ ନମ୍ର ସହକାରେ ଭୋଟରଙ୍କ ପାଖେ ପହଞ୍ଚୁଥିବାରୁ ଭୋଟରମାନେ ଆକୃଷ୍ଟ ହେଉଛନ୍ତି ଏବଂ ସ୍ୱାଧୀନ ପ୍ରାର୍ଥୀଙ୍କ ଉପରେ ଭୋଟରମାନେ ଆସ୍ଥା ପ୍ରକଟ କରୁଥିବା ଜଣାପଡ଼ୁଛି।

ଏପରି ପରିସ୍ଥିତି ଦେଖାଦେଇଛି ପୌରାଞ୍ଚଳ ଅନ୍ତର୍ଗତ ୭ନଂ. ୱାର୍ଡ଼ରେ। ସ୍ୱାଧୀନ ପ୍ରାର୍ଥିନୀ ପ୍ରଣତି ଦାସ କେତେକ ସମର୍ଥକଙ୍କ ସହ ପ୍ରଚାର ଆରମ୍ଭ କରିଛନ୍ତି। ନିଜର ସ୍ୱାମୀ ଏବଂ ପରିବାର ଲୋକଙ୍କ ସହଯୋଗରେ ସ୍ଥାନୀୟ ବାସିନ୍ଦାଙ୍କ ସହ ଘରକୁ ଘର ବୁଲି ବୁଲି ଭୋଟରମାନଙ୍କୁ ସାକ୍ଷାତ୍ କରୁଛନ୍ତି। ବିଜୟୀ ପାଇଁ ଆଶୀର୍ବାଦ ଭିକ୍ଷା କରୁଛନ୍ତି। ଭୋଟ୍ ବଦଳରେ ସେମାନଙ୍କ ସେବା କରିବାର ପ୍ରତିଶ୍ରୁତି ଦେଉଛନ୍ତି। ମିଥ୍ୟା ପ୍ରତିଶ୍ରୁତି ନ ଦେଇ ୱାର୍ଡ଼ର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରୁଥିବାରୁ ଲୋକମାନେ ତାଙ୍କ ଉପରେ ଅଧିକ ଭରସା କରୁଥିବା ପରିଲକ୍ଷିତ ହେଉଛି। ପ୍ରାର୍ଥିନୀ ଦାସ ନିଜର ସମର୍ଥକଙ୍କ ସହ ପୀରବାବା ଆସ୍ଥାନଠାରୁ ପ୍ରଚାର ଆରମ୍ଭ କରି କଂସେଇମହଲା, ସ୍କୁଲ ବଜାର, ଆକତପୁର, ଗୋଳାପୋଖରୀ ସମେତ ବିଭିନ୍ନ ଅଞ୍ଚଳରେ ଘରକୁ ଘର ବୁଲି ଭୋଟ ମାଗିବା ସହ ସମସ୍ତଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ। ୱାର୍ଡ଼ର ବହୁଦିନର ଥିବା ରାସ୍ତାଘାଟ, ଡ୍ରେନ୍, ପାନୀୟଜଳ ସମସ୍ୟା ଏବଂ ସରକାରୀ ଯୋଜନା ସମସ୍ତଙ୍କ ନିକଟରେ କିପରି ପହଞ୍ଚାଯାଇପାରିବ ସ୍ଥାନୀୟ ମୁଖିଆଙ୍କ ସହ ଆଲୋଚନା କରିଛନ୍ତି। ପୂର୍ବରୁ ତାଙ୍କ ସ୍ୱାମୀ ତଥା ପୂର୍ବତନ କାଉନ୍‌ସିଲର ସୁବ୍ରତ ଦାସ ଗତ ୨୦୦୪ରୁ ୨୦୦୮ ପର୍ଯ୍ୟନ୍ତ ଉକ୍ତ ୱାର୍ଡ଼ରୁ କାଉନ୍‌ସିଲର ଭାବେ ବିଜୟୀ ହୋଇ ବହୁ ଉନ୍ନୟନମୂଳକ କାର୍ଯ୍ୟ କରିଥିଲେ। ସେବେଠାରୁ ୱାର୍ଡ଼ ଉପରେ କୌଣସି କାଉନସିଲର ସେପରି କୌଣସି ପ୍ରକାର ଆଖିଦୃଶିଆ କାର୍ଯ୍ୟ କରିନାହାନ୍ତି। ୱାର୍ଡ଼ରେ ପାନୀୟଜଳ, ପରିମଳ ଓ ଡ୍ରେନେଜ୍ ବ୍ୟବସ୍ଥା ଏକପ୍ରକାର ଠପ୍ ହୋଇଯାଇଛି। ଯେଉଁଥିପାଇଁ ବର୍ଷାଦିନେ ଲୋକଙ୍କ ଘରେ ନାଳ ପାଣି ପଶିବା ସହ ରାସ୍ତାରେ କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହେଉଛି। ଏସବୁକୁ ପାଥେୟ କରି ନିର୍ବାଚନ ବୈତରଣୀ ପାରି ହେବାର ଲକ୍ଷ୍ୟ ରଖିଛନ୍ତି ସ୍ୱାଧୀନ ପ୍ରାର୍ଥିନୀ ଦାସ। ନିର୍ବାଚନୀ ପ୍ରଚାରରେ ସୁଜାତା ଚୌଧୁରୀଙ୍କ ନେତୃତ୍ୱରେ ଜୟଶ୍ରୀ ପ୍ରଧାନ, ମଞ୍ଜୁଲତା ବିଶ୍ୱାଳ, ସଂଘମିତ୍ରା ମହାନ୍ତି, ଦୀପାଳି ଦାସ, ଇତିଶ୍ରୀ ଦାସ, ଦୀପ୍ତିମୟୀ ଦାସ, ଗୌରୀମଣି ଦାସ, ହମିଦା ବିବି, ମେହାବୁବ ରାଜୁ, ସୁଜୟ ଦାସ, ଇକ୍‌ବାଲ ଖାନ୍, ପିଣ୍ଟୁ ଦାସ, ଅମରେଶ ପଣ୍ଡା, ରଶ୍ମିରଞ୍ଜନ ଦାସ, ପ୍ରୀତିବନ୍ୟା ଦାସ, ଶେଖ୍ ହାଇଦର, ପରବିନ୍ ବିବି, ଅଇଦ୍ ଖାନ୍‌ଙ୍କ

### ୭ନଂ. ୱାର୍ଡ଼ରେ ମାରାଥନ୍ ପ୍ରଚାର

# ଯୁବକଙ୍କୁ ମରଣାନ୍ତକ ଆକ୍ରମଣ



ଥାନା ସମ୍ମୁଖରେ ବିଜେଡି କର୍ମୀମାନେ ଧାରଣା ଦେଇଛନ୍ତି।

**ରୂପସା, ୧୬।୩(ଡି.ଏନ.ଏ.)**

ବାଲେଶ୍ୱର ସଦର ବ୍ଲକ ରୂପସା ଥାନା ଆଙ୍କୋ ପଞ୍ଚାୟତ ଅନ୍ତର୍ଗତ ଜୁକନଣ୍ଡି ଗାଁରେ ନିର୍ବାଚନ ପରବର୍ତ୍ତୀ ହିଂସା ଦେଖିବାକୁ ମିଳିଛି। ଏହି ଗ୍ରାମର ଯୁବକ ଉମାକାନ୍ତ ରାଉତ ମଙ୍ଗଳବାର ଅପରାହ୍ନରେ ବାଲେଶ୍ୱରରୁ ଘରକୁ ଫେରୁଥିବା ବେଳେ ଜୁକନଣ୍ଡି ଛକ ନିକଟରେ କେତେଜଣ ଯୁବକ ମାରଣାସ୍ତ୍ର ଦେଖାଇ ତାଙ୍କୁ ବିଲ ମଝିକୁ ନେଇ ନିର୍ଦ୍ଧୁମ ମାଡ଼ ମାରିଥିଲେ। ସ୍ଥାନୀୟ ଲୋକେ ସେଠାରେ ପହଞ୍ଚିଯିବାରୁ ଦୁର୍ବୃତ୍ତମାନେ ଚମ୍ପଟ ମାରିଥିଲେ। ପୋଲିସ ପହଞ୍ଚି ଆହତ ଯୁବକଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। ତେବେ କଂଗ୍ରେସ ଦଳର ସମର୍ଥକମାନେ ବିଜେଡିର କର୍ମୀଙ୍କୁ ଏହି ଆକ୍ରମଣ କରିଥିବା ଓ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ ଦାବିରେ ଦଳୀୟ ସମର୍ଥକମାନେ କିଛି ସମୟ ଥାନା ସମ୍ମୁଖରେ ଧାରଣାରେ ବସିଥିଲେ। ପୋଲିସ ତଦନ୍ତ କରି ଦୁଇ ଅଭିଯୁକ୍ତ ପୋଡ଼ାଡ଼ିହା ଗ୍ରାମର ବାବୁଲା ରାଉଳ ଓ ପ୍ରଦୀପ ଜେନାଙ୍କୁ ଗିରଫ କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଏନେଇ ପୋଲିସ ଏକ ମାମଲା (ନଂ. ୨୬/୨୨) ରୁଜୁ କରି ଗିରଫ ଅଭିଯୁକ୍ତଙ୍କୁ ବୁଧବାର କୋର୍ଟଚାଲାଣ କରିଛି।

### ନିର୍ବାଚନ ପରବର୍ତ୍ତୀ ହିଂସା




# ପୌର ଅଧ୍ୟକ୍ଷା ପ୍ରାର୍ଥିନୀ, କାଉନ୍‌ସିଲର ପ୍ରାର୍ଥିନୀ ସାମିଲ

**ବାଲେଶ୍ୱର ଅଫିସ, ୧୬।୩**

ବାଲେଶ୍ୱର ପୌରାଞ୍ଚଳ ଅନ୍ତର୍ଗତ ୧ନଂ. ୱାର୍ଡ଼ରେ ଭାଜପା ପକ୍ଷରୁ ବୁଧବାର ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ପଦଯାତ୍ରାରେ ଭାଜପାର ପୌର ଅଧ୍ୟକ୍ଷା ପ୍ରାର୍ଥିନୀ ରଶ୍ମିରେଖା ଦେବ ଓ କାଉନସିଲର ପ୍ରାର୍ଥିନୀ ସସ୍ମିତା ନାଥଙ୍କ ସହ ରାଜ୍ୟ ଭାଜପା ଯୁବମୋର୍ଚ୍ଚା ଉପସଭାପତି ମାନସ କୁମାର ଦତ୍ତ ପଦଯାତ୍ରାରେ ସାମିଲ ହୋଇ ସାଧାରଣ ଜନତାଙ୍କ ଆଶୀର୍ବାଦ ଲୋଡ଼ିଥିଲେ।

ଏହି ଅବସରରେ ଦତ୍ତ କେନ୍ଦ୍ର ସରକାରଙ୍କର ବିଭିନ୍ନ ଲୋକାଭିମୁଖୀ ଓ ବିକାଶମୂଳକ କାର୍ଯ୍ୟ ସମ୍ବନ୍ଧରେ ଲୋକଙ୍କୁ ଅବଗତ କରାଇବା ସହିତ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଛନ୍ତି। ଗତ ଉପନିର୍ବାଚନରେ ବିଜେଡି ଯେଉଁସବୁ ପ୍ରତିଶ୍ରୁତି ସାଧାରଣ ଜନତାକୁ ଦେଇଥିଲେ, ତାହା ଆଜି ପାଣିର ଗାର ସଦୃଶ ପ୍ରମାଣିତ ହୋଇସାରିଛି। ଉପନିର୍ବାଚନକୁ ୧ବର୍ଷ ବିତିଯାଇଥିବା ବେଳେ ପଞ୍ଚାୟତରେ କୌଣସି ବିକାଶମୂଳକ କାର୍ଯ୍ୟ ହୋଇପାରିନାହିଁ। ମୋଦି ସରକାର ବ୍ୟାପକ ମାତ୍ରାରେ ଅର୍ଥ ପଠାଉଥିବା ବେଳେ ଏଠି ବିଜେଡିର ନେତା ଓ କର୍ମୀମାନେ ଠିକାଦାର ସାଜି ଲୁଟିଛନ୍ତି। କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନ ଓ ଗରିବ କଲ୍ୟାଣ ଯୋଜନାରୁ ଲୋକେ ବଞ୍ଚିତ ହେଉଛନ୍ତି। ସରକାରୀ କଳ ବଳ ଜରିଆରେ ଭୋଟରମାନଙ୍କୁ ପ୍ରଭାବିତ କରି ନିର୍ବାଚନ ହାତେଇବାକୁ ଶାସକ ବିଜେଡି ଅପପ୍ରୟାସ ଜାରି ରଖିଛି ଓ ଚଳିତ ପୌର ନିର୍ବାଚନରେ ଜନତା ଏହାର ଉଚିତ୍ ଜବାବ ଦେବେ ବୋଲି ଦତ୍ତ ପରିପ୍ରକାଶ କରିଛନ୍ତି। ପଦଯାତ୍ରାରେ ୱାର୍ଡ ସଭାପତି ଦିଲ୍ଲୀପ ତରେଇ, ଉପସଭାପତି ଭାଗ୍ୟରନ ନାୟକ, ପୂର୍ବତନ କାଉନସିଲର ଅଜିତ ମିଶ୍ର, ବରିଷ୍ଠ ନେତା ମନ୍ମଥ ପାତ୍ର, ଦିଲୀପ ମାଝି, ଆଶିଷ ମିଶ୍ର, ଦେବେନ୍ଦ୍ର ମାଝି, ମିହିର ମାଝି, ଜାନକୀ ମାହାର୍ଣ୍ଣା, ସୁକାନ୍ତି ମାଝି ପ୍ରମୁଖ ଉପସ୍ଥିତ ଥିଲେ।

### ଭାଜପାର ପଦଯାତ୍ରା



ଭାଜପା ପକ୍ଷରୁ ବାହାରିଥିବା ପଦଯାତ୍ରା।

# ଫ୍ରିଡମ୍ ପକ୍ଷରୁ ୫ଲିଟର ତେଲ ମାଗଣା ବଣ୍ଟନ

**ଭୁବନେଶ୍ୱର,୧୬।୩**

ଗତ କିଛିଦିନ ହେବ ଦେଶର ସମସ୍ତ ଅତ୍ୟାବଶ୍ୟକ ସାମଗ୍ରୀଠାରୁ ଆରମ୍ଭ କରି ତୈଳ ପର୍ଯ୍ୟନ୍ତ ଦର ଆକାଶ ଛୁଆଁ ରହିଛି। ଏଭଳି ସମୟରେ ଦେଶର ପ୍ରମୁଖ ଖାଇବା ତେଲ ଉତ୍ପାଦନକାରୀ କମ୍ପାନୀ ଫ୍ରିଡମ୍ ଅଏଲ ପକ୍ଷରୁ ଲକି ଡ୍ର ଜରିଆରେ ତା'ର ଗ୍ରାହକଙ୍କୁ ୫ଲିଟର ଲେଖାଏଁ ଖାଇବା ତେଲ ମାଗଣାରେ ବଣ୍ଟନ କରିଛି। ଫ୍ରିଡମ୍ ପକ୍ଷରୁ ଗ୍ରାହକଙ୍କ ପାଇଁ ଏହି ଅଫର ବ୍ୟବସ୍ଥା କରାଯାଇଥିବା କମ୍ପାନୀର ଓଡ଼ିଶା ମୁଖ୍ୟ ଅମିୟ କୁମାର ଧଳ ସୂଚନା ଦେଇଛନ୍ତି। ସେହିଭଳି ଭଦ୍ରକ ଜିଲା ଧାମନଗର ବ୍ଲକ ଦୋବଲ କାଳିଛକ ଯଜ୍ଞ ପଡ଼ିଆଠାରେ ଗ୍ରାମବାସୀଙ୍କ ଆନୁକୂଲ୍ୟରେ ଆୟୋଜିତ ଯାତ୍ରା 'କୋଣାର୍କ ଗଣନାଟ୍ୟ'ର ପ୍ରଥମ ରାତିରେ ଫ୍ରିଡମ୍ କମ୍ପାନୀ ପକ୍ଷରୁ ଦର୍ଶକଙ୍କ ପାଇଁ ଏକ ଆକର୍ଷଣୀୟ ଅଫର ପ୍ରଦାନ କରାଯାଇଥିଲା। ପ୍ରତି ଟିକେଟ କ୍ରୟରେ ଗୋଟିଏ ଲେଖାଏ ଫ୍ରିଡମ୍ ଅଏଲ କୁପନ ପ୍ରଦାନ କରାଯାଇ ଯାତ୍ରା ଦର୍ଶକଙ୍କୁ ଆକୃଷ୍ଟ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଦର୍ଶକ କାଟିଥିବା ପ୍ରତି କୁପନକୁ ଯାତ୍ରା ଆରମ୍ଭର କିଛି ଘଣ୍ଟା ଆଗରୁ ସର୍ବସମ୍ମୁଖରେ ଲଟେରି କରାଯାଇ ପ୍ରଥମ,ଦ୍ୱିତୀୟ ଓ ତୃତୀୟ ଭାଗ୍ୟଶାଳୀ ବିଜେତାଙ୍କୁ ଲକି ଡ୍ର ଜରିଆରେ ଚିହ୍ନଟକରି କମ୍ପାନୀ ପକ୍ଷରୁ ୫ ଲିଟର ଲେଖାଏ ଫ୍ରିଡମ୍ ଅଏଲ ସମ୍ପୂର୍ଣ୍ଣ ମାଗଣା ପ୍ରଦାନ କରାଯାଇଥିଲା। ଏ ସମ୍ପର୍କରେ କମ୍ପାନୀର ଓଡ଼ିଶା ମୁଖ୍ୟ ଅମିୟ ଧଳ କହିଥିଲେ, ଫ୍ରିଡମ୍ ଅଏଲର ଶୁଦ୍ଧତା ଓ ଆବଶ୍ୟକତା ସମ୍ପର୍କରେ ଦର୍ଶକମାନଙ୍କୁ ବିସ୍ତୃତ ସୂଚନା ଦେବା ସହ ଲକି ଡ୍ରର ବିଜେତା ଅନନ୍ତ କୁମାର ବେହେରା, ବନବିହାରୀ ଜେନା ଓ ବଳରାମ ସାମଲଙ୍କୁ ପୁରସ୍କାର ସ୍ୱରୂପ ୫ଲିଟର ଫ୍ରିଡମ୍ ତେଲର ଜାର୍ ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ କମ୍ପାନୀର ବିକ୍ରି ଅଧିକାରୀ ପ୍ରକାଶ କୁମାର ପାତ୍ରଙ୍କ ସମେତ ରାଜେନ୍ଦ୍ର ନାରାୟଣ ମାହୁନ୍ତ, ରତୁ ଏଣ୍ଟରପ୍ରାଇଜେସ୍‌ର ଅଧ୍ୟକ୍ଷ ଦେବାଶିଷ ମହାପାତ୍ର, ଭାଗବତ କୁମାର ଜେନା, ଯାତ୍ରା ପରିଚାଳକ ବିଜୟ କୁମାର ବେଜେନ୍ତ ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଯାତ୍ରା କମିଟିର ସଦସ୍ୟମାନେ ଆବଶ୍ୟକ ସହଯୋଗ ପ୍ରଦାନ କରିଥିଲେ।



# ଭାଜପା ପ୍ରାର୍ଥିନୀଙ୍କ ପାଇଁ ପ୍ରଚାର କଲେ ସିନେ ତାରକା



ସିନେ ତାରକାମାନେ ପ୍ରାର୍ଥିନୀ ନିକୁ ସାହୁଙ୍କ ପାଇଁ ପ୍ରଚାର କରୁଛନ୍ତି।

**କେନ୍ଦୁଝର,୧୬।୩ (ସ୍ୱ.ପ୍ର.)**

କେନ୍ଦୁଝରଗଡ଼ ପୌରପାଳିକା ଅଧ୍ୟକ୍ଷ ପଦ ପାଇଁ ଭାଜପା ପ୍ରାର୍ଥିନୀ ନିକୁ ସାହୁଙ୍କ ଲାଗି ଓଡ଼ିଆ ସିନେତାରକାମାନେ ପ୍ରଚାର କରିଛନ୍ତି। ବୁଧବାର ସିନେଷ୍ଟାର ପୁପିନ୍ଦର ସିଂ, ଲିପ୍‌ସା ମିଶ୍ର, ପ୍ରିୟଙ୍କା ମହାପାତ୍ର ଓ ହାସ୍ୟ ଅଭିନେତା ସୁମନ ମହାରଣା ନିକୁଙ୍କ ସହ ୧୨ ନଂ. ୱାର୍ଡ ଗମ୍ଭାରିଆ, ତୁଳସୀପୁର, ବ୍ରାହ୍ମଣୀଗାଁ ଏବଂ ୧୮ ନଂ. ୱାର୍ଡର ସାହି ସାହି ବୁଲି ଭୋଟ ଦେବାକୁ ଭୋଟରଙ୍କୁ ନିବେଦନ କରିଥିଲେ। ୧୮ ନଂ. ୱାର୍ଡର ପ୍ରାର୍ଥିନୀ କିରଣ ସୋରେନ ଓ ୨୧ ନଂ. ୱାର୍ଡର ପ୍ରାର୍ଥିନୀ କୁରୁବା ବେହେରା ପ୍ରଚାରରେ ସାମିଲ ଥିଲେ। ଗୃହିଣୀରୁ ପ୍ରଥମଥର ନିର୍ବାଚନ ମଇଦାନକୁ ଓହ୍ଲାଇଥିବା ନିକୁଙ୍କ ପ୍ରତି ମହିଳାଙ୍କ ସମର୍ଥନ ବଢୁଥିବା ବେଳେ ପୌରପାଳିକାର ବିଭିନ୍ନ ସମସ୍ୟା ସମାଧାନ ପାଇଁ ସେ ପ୍ରତିଶ୍ରୁତି ଦେଉଛନ୍ତି।

# ଦାୟିତ୍ୱ ନେଲେ ନୀଳଗିରି ବ୍ଲକ ଅଧ୍ୟକ୍ଷା

**ସଜନାଗଡ଼, ୧୬।୩(ଡି.ଏନ.ଏ.)**

ନୀଳଗିରି ପଞ୍ଚାୟତ ସମିତି ଗଠନ ହେବା ଦିନରୁ ବ୍ଲକକୁ ଅନ୍ୟ ଦଳ ଅକ୍ତିଆର କରିଆସୁଥିବା ବେଳେ ଚଳିତବର୍ଷ ପ୍ରଥମଥର ପାଇଁ ବିଜେଡି ନେତୃତ୍ୱରେ ନୀଳଗିରି ବ୍ଲକର ଅଧ୍ୟକ୍ଷା ପଦ ବିଜେଡି ଦଖଲ କରିଛି। ବୁଧବାର ନୀଳଗିରି ବ୍ଲକ ଅଧ୍ୟକ୍ଷା ଶୁଭଲକ୍ଷ୍ମୀ ମାଝି ବିଡ଼ିଓଙ୍କଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି।

ପଞ୍ଚାୟତ ନିର୍ବାଚନରେ ନୂତନ ଭାବେ ସମିତିସଭ୍ୟା ଭାବେ ନିର୍ବାଚିତ ହୋଇଥିବା ଭଉଁରିଆବାଡ଼ ପଞ୍ଚାୟତ ତେରେଲଡ଼ିହି ଗ୍ରାମର ବାସିନ୍ଦା ଶୁଭଲକ୍ଷ୍ମୀ ମାଝି ବିଜେଡି ସମର୍ଥନରେ ବ୍ଲକ ଅଧ୍ୟକ୍ଷା ନିର୍ବାଚିତ ହୋଇଥିଲେ। ବୁଧବାର ବିଡିଓ ଦାୟିତ୍ୱରେ ଥିବା ଅଶେଷ କୁମାର ନାୟକ ବ୍ଲକ ଅଧ୍ୟକ୍ଷା ମାଝିଙ୍କୁ ଫୁଲତୋଡ଼ା ଦେଇ ସ୍ୱାଗତ କରିଥିଲେ। ଏହି ଅବସରରେ ମାଝି କହିଥିଲେ ଯେ, ବିଜେଡି ସରକାର ଅନେକଗୁଡ଼ିଏ ଯୋଜନା ହାତକୁ ନେଉଛନ୍ତି। ଉକ୍ତ ଯୋଜନାଗୁଡ଼ିକର ସଫଳ ରୂପାୟନ ଆମର ବଡ଼ ଆହ୍ୱାନ ଓ ଗୁରୁଦାୟିତ୍ୱ ରହିବ।



ବ୍ଲକ ଅଧ୍ୟକ୍ଷାଙ୍କୁ ଫୁଲତୋଡ଼ା ଦେଇ ସ୍ୱାଗତ କରାଯାଉଛି।

# ଅର୍ଚ୍ଚନାଙ୍କ ପାଇଁ ପ୍ରଚାର ମଙ୍ଗ ଧରିଲେ ଆଶିଷ

**କେନ୍ଦୁଝର,୧୬।୩(ଡିଏନ୍ଏ)**

କେନ୍ଦୁଝରଗଡ଼ ପୌରପାଳିକାରେ ନିର୍ବାଚନ ପ୍ରଚାର ଦିନକୁଦିନ ଜୋର ଧରୁଛି। ସିଧାସଳଖ ନଗରପାଳ ନିର୍ବାଚନ ଯୋଗୁ ନିର୍ବାଚନୀ ଉଷ୍ମତା ଯଥେଷ୍ଟ ବଢ଼ିଛି। ବସ୍ତି ଭୋଟରଙ୍କ ମତ ନିଜ ସପକ୍ଷକୁ ଆଣିବା ପାଇଁ ପ୍ରାର୍ଥୀମାନେ ପ୍ରୟାସ ଆରମ୍ଭ କରିଛନ୍ତି। ଏହି ନିର୍ବାଚନ ଲାଗି ଅଣ୍ଟା ଭିଡ଼ିଛନ୍ତି ଜିଲା ବିଜେଡିର ପୂର୍ବତନ ସଭାପତି ଆଶିଷ ଚକ୍ରବର୍ତ୍ତୀ। କେନ୍ଦୁଝର ସହରକୁ ଲାଗି ଆଶିଷଙ୍କ ୬ନଂ.ଜୋନ ଥିବାବେଳେ ଏହା ପୂର୍ବରୁ ୨୦୦୩ରେ ସେ କେନ୍ଦୁଝରଗଡ଼ ପୌରପାଳିକାର କାଉନସିଲର ଥିଲେ।୧୯୯୨ରୁ ନିରବଚ୍ଛିନ୍ନ ଭାବେ ସେ ପୌର ରାଜନୀତିରେ ସଂଶ୍ଳିଷ୍ଟ ହୋଇ ବିଜେଡି ଓ ଏହାପୂର୍ବରୁ ଜନତା ଦଳର ନଗରପାଳ କରାଇବାରେ ଗତ ୩୦ବର୍ଷ ଧରି କାମ କରି ଆସୁଛନ୍ତି ।

ମଙ୍ଗଳବାର ବିଜେଡି ଅଧ୍ୟକ୍ଷା ପ୍ରାର୍ଥିନୀ ଅର୍ଚ୍ଚନା ରାଉତ ଓ ଆଶିଷ କଲୋନୀ ଏବଂ ସାହି ବୁଲି ମାରାଥନ ପ୍ରଚାର କରିଥିଲେ। ସୋମବାର ମଧ୍ୟ ୧ନଂ. ୱାର୍ଡରେ ନିଜର ଶୁଭେଚ୍ଛୁ, ସମର୍ଥକ ଓ ବୁଦ୍ଧିଜୀବୀଙ୍କୁ ଭେଟିଥିବାବେଳେ ମଙ୍ଗଳବାର ସକାଳେ ୨ ଓ ୮ନଂ. ୱାର୍ଡରେ ପ୍ରଚାର ସାରି ଅପରାହ୍ନରେ ୧୦ନଂ. ୱାର୍ଡରେ ମାରାଥନ ପ୍ରଚାର ଓ ଶୋଭାଯାତ୍ରାରେ ସାମିଲ ହୋଇ ବିଜେଡି ପ୍ରାର୍ଥିନୀ ଅର୍ଚ୍ଚନା ରାଉତ ଓ ସ୍ଥାନୀୟ କାଉନସିଲରମାନଙ୍କୁ ଜିତାଇବା ପାଇଁ ନିବେଦନ କରିଛନ୍ତି। କେତେକ ସ୍ଥାନରେ ଭୋଟର ସେମାନଙ୍କ ସମସ୍ୟା ସମ୍ପର୍କରେ ଅବଗତ କରାଉଥିବାବେଳେ ଯେଉଁ ସମସ୍ୟାର ସମାଧାନ ହୋଇପାରିବ ତାହାକୁ ନେଇ ସେ ଲୋକଙ୍କ ସହ ଆଲୋଚନା କରି ଏହାର ସୁବ୍ୟବସ୍ଥା କରିବା ପାଇଁ ପଦକ୍ଷେପ ନେଉଥିବା ଜଣାପଡ଼ିଛି। ଗୋଟିଏ ପଟେ ବିଜେଡି ରାଜ୍ୟ ଯୁବ ଉପସଭାପତି ରାଜା ଚକ୍ର ଦଳର ରଣନୀତି ପ୍ରସ୍ତୁତ କରିଥିବାବେଳେ ଅନ୍ୟପଟେ ଆଶିଷଙ୍କ ଜୋରଦାର ପ୍ରଚାର ଅର୍ଚ୍ଚନାଙ୍କ ପାଇଁ ସହାୟକ ହେବ ବୋଲି ଆଲୋଚନା ହେଉଛି ।

### ବସ୍ତି, କଲୋନୀରେ ମାରାଥନ ପ୍ରଚାର



ପ୍ରଚାରରେ ସାମିଲ ହୋଇଥିବା ବିଜେଡି ନେତା ଓ କର୍ମୀ।

# ମୁକ୍ତ, ଅବାଧ ଓ ନିରପେକ୍ଷ ନିର୍ବାଚନ ଉପରେ ଗୁରୁତ୍ୱ

**କେନ୍ଦୁଝର, ୧୬।୩ (ଡି.ଏନ.ଏ.)**

କେନ୍ଦୁଝର ଜିଲାରେ ପୌର ନିର୍ବାଚନକୁ ଶାନ୍ତିଶୃଙ୍ଖଳାର ସହ ମୁକ୍ତ, ଅବାଧ ଓ ନିରପେକ୍ଷ କରିବା ଉପରେ ଜିଲାପାଳ ଏବଂ ନିର୍ବାଚନ ପର୍ଯ୍ୟବେକ୍ଷକ ଗୁରୁତ୍ୱାରୋପ କରିଛନ୍ତି। ଆଦର୍ଶ ଆଚରଣ ବିଧି କଡ଼ାକଡ଼ି ଭାବେ ପାଳନ କରିବାକୁ ବୁଧବାର ଅପରାହ୍ନରେ ଦରବାର ହଲ୍‌ରେ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିଙ୍କ ସହ ଅନୁଷ୍ଠିତ ବୈଠକରେ ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ଆଶିଷ ଠାକ୍‌ରେ ଚେତାବନୀ ଦେଇଛନ୍ତି। ଜିଲା ପାଇଁ ସାଧାରଣ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତ ବରିଷ୍ଠ ଅର୍ଥସେବା ଅଧିକାରୀ ଗୁଣନିଧି ବେହେରା, ଅତିରିକ୍ତ ଜିଲାପାଳ ତଥା ନୋଡାଲ ଅଫିସର ସୁଷମା ବିଲୁଙ୍ଗ, ସହରାଞ୍ଚଳ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଘାସିରାମ ମୁର୍ମୁ ଉପଜିଲାପାଳ ରାମଚନ୍ଦ୍ର କିସ୍କୁଙ୍କ ସହ ବିଭିନ୍ନ ରାଜନୈତିକ ଦଳ ପ୍ରତିନିଧି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ୪ ମ୍ୟୁନିସିପାଲିଟି ଓ ଗୋଟିଏ ବିଜ୍ଞାପିତ ଅଞ୍ଚଳ ପରିଷଦ ପାଇଁ ନିର୍ବାଚନ ପରିଚାଳନା ପ୍ରକ୍ରିୟା, ପ୍ରସ୍ତୁତି ସମ୍ପର୍କରେ ଜିଲାପାଳ ଆଲୋକପାତ କରିଥିଲେ। ନିର୍ବାଚନକୁ ଅବାଧ ଓ ନିରପେକ୍ଷ ଭାବେ ପରିଚାଳନା ପାଇଁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ସେ ସୂଚନା ଦେଇଥିଲେ। ଆଦର୍ଶ ଆଚରଣ ବିଧି ଅନୁପାଳନ, ସ୍ପର୍ଶକାତର ବୁଥ୍‌ରେ ପୋଲିସ ମୁତୟନ, ପ୍ରାର୍ଥୀମାନଙ୍କ ପାଇଁ ଖର୍ଚ୍ଚ ସୀମା, ପ୍ରାର୍ଥୀ ଏବଂ ଦଳ ବ୍ୟବହାର ନିମନ୍ତେ ଯାନ ଲାଗି ଅନୁମତି ଆଦି ବିଷୟରେ ଅବଗତ କରାଇ ଦିଆଯାଇଥିଲା। ଜିଲା ଷ୍ଟ୍ରଙ୍ଗରୁମ୍‌ରୁ ଆସନ୍ତା ୧୭ରେ ବିଭିନ୍ନ ପୌରପାଳିକା ନିମନ୍ତେ ନିଯୁକ୍ତ ନିର୍ବାଚନ ଅଧିକାରୀଙ୍କ ପାଖକୁ ଇଭିଏମ୍ ପଠାଯିବ। ୨୧ରୁ ୨୨ ତାରିଖ ପର୍ଯ୍ୟନ୍ତ ଆନନ୍ଦପୁର ମ୍ୟୁନିସିପାଲିଟି ପାଇଁ ଉପଜିଲାପାଳଙ୍କ କାର୍ଯ୍ୟାଳୟ, ବଡ଼ବିଲ ମ୍ୟୁନିସିପାଲିଟି ଲାଗି କଲ୍ୟାଣ ମଣ୍ଡପ, ଚମ୍ପୁଆ ଏନ୍‌ଏସି ପାଇଁ ଟାଉନ ହଲ୍, ଯୋଡ଼ା ମ୍ୟୁନିସିପାଲିଟି ଲାଗି ବ୍ଲକ ଅଫିସ୍ ଓ କେନ୍ଦୁଝରଗଡ଼ ମ୍ୟୁନିସିପାଲିଟି ନିମନ୍ତେ କେନ୍ଦୁଝର ଉପଜିଲାପାଳଙ୍କ କାର୍ଯ୍ୟାଳୟଠାରେ ଇଭିଏମ୍ କମିଶନିଂ କରାଯିବ ବୋଲି ଜିଲାପାଳ କହିଥିଲେ।

### ରାଜନୈତିକ ଦଳର ପ୍ରତିନିଧିଙ୍କ ସହ ଅଧିକାରୀଙ୍କ ବୈଠକ



ବୈଠକରେ ଉପସ୍ଥିତ ଅଧିକାରୀମାନେ।

